**ବୈଶିଙ୍ଗା ଡାକ୍ତରଖାନାରେ ନୂଆ ଡାକ୍ତର ନିଯୁକ୍ତ**

**ବୈଶିଙ୍ଗା,(ରତନ ଦାଶ):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଡାକ୍ତରଖାନାରେ ବହୁ ଦିନର ଦାବି ପରେ ନୂତନ ଡାକ୍ତର ନିଯୁକ୍ତି ପାଇଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପତ୍ର (ନଂ. ୩୧୬/୧୮ ଜାନୁଆରୀ ୨୪) ମୂଳେ ଡାକ୍ତରଖାନାରେ ଡା କୃଷ୍ଣବଲ୍ଲଭ ପଣ୍ଡା ଓ ଡା. ବିକାଶ ନାୟକଙ୍କୁ ଅବସ୍ଥାପିତ କରାଯାଇଛି। ସୂଚନାଯୋଗ୍ୟ, ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଏହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ନୂଆ ଡାକ୍ତର ନିଯୁକ୍ତିକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।



## ସଂକ୍ଷେପରେ

### ପ୍ରେମ ପ୍ରତାରଣା, ପ୍ରେମିକା ଥାନାର ଦ୍ୱାରସ୍ଥ

ଢେଙ୍କିକୋଟ,୧୯।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଭୋଲବେଡ଼ା ଗ୍ରାମର ଜନୈକ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବକ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ମୁକ୍ତାପୁର ପଞ୍ଚାୟତ ମୁଦ୍ରାବେଡ଼ା ଗ୍ରାମର ସତ୍ୟ ନାୟକ ଭୋଲବେଡ଼ା ଗ୍ରାମର ଜନୈକ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ୨ ବର୍ଷ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ପରେ ଯୁବକ ବିବାହ କରିବାକୁ ମନା କରିବାରୁ ପ୍ରେମିକା ଗୁରୁବାର ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା (ନଂ. ୭୫/୨୪) ରୁଜୁ ହୋଇଛି। ଅଭିଯୋଗ ଆଧାରରେ ଯୁବତୀଙ୍କ ଡାକ୍ତରୀ ମାଇନା ହୋଇଥିବା ବେଳେ ଅଭିଯୁକ୍ତ ଫେରାର ଥିବା ଥାନା ଅଧିକାରୀ ଅଞ୍ଜନ ପାତ୍ର କହିଛନ୍ତି।

### ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ

ବାଲେଶ୍ୱର,୧୯।୧(ମାନସ ବିଶ୍ୱାଳ)- ବାଲେଶ୍ୱର ସହର ଗୋପାଳଗାଁସ୍ଥିତ ମହିଳା କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସୀମାରେଖା ଭୋଇ ଯୋଗଦେଇ ନାରୀ ସଶକ୍ତିକରଣ ଓ ଆତ୍ମସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହାୟକ ଅଧ୍ୟାପକ ସନ୍ତୋଷ କୁମାର ରାଉତ ଯୋଗଦେଇ ବର୍ତ୍ତମାନ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅସଦାଚରଣ ଓ ବିଷମ ସମସ୍ୟାର ସମାଧାନ ପାଇଁ ଏହି ଶିବିରର ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ। ତର୍କଶାସ୍ତ୍ର ଅଧ୍ୟାପିକା ତଥା ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ଦାସ, ଡ. ରୂପାଲୀ ଚୌଧୁରୀ, ଇଂରାଜୀ ଅଧ୍ୟାପକ ଚିତ୍ତରଞ୍ଜନ ସାନ୍ତରା ଓ ଅଣଶିକ୍ଷକକର୍ମୀ ଭାସ୍କର ବାରିକ, ବାସନ୍ତ ମହାର୍ଣ୍ଣା, ରବୀନ୍ଦ୍ର ବେହେରା, ଆନନ୍ଦ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ।

### ଶ୍ରୀରାମ ମହାଯଜ୍ଞ ସମିତିର ନୂତନ କର୍ମକର୍ତ୍ତା

ଭଦ୍ରକ, ୧୯।୧(ସନାତନ ରାଉତ)-ଦୀର୍ଘ ୩୪ବର୍ଷ ଧରି ଶ୍ରୀରାମ ନବମୀ ମହୋତ୍ସବ ପାଳନ କରି ଆସୁଥିବା ଶ୍ରୀରାମ ମହାଯଜ୍ଞ ସମିତିର ନୂତନ ପୂର୍ଣ୍ଣାଙ୍ଗ ସମିତି ଘୋଷଣା କରାଯାଇଛି। ଗତବର୍ଷ ସ୍ଥାୟୀ ସଭାପତି ବରିଷ୍ଠ ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ରଙ୍କ ଦେହାନ୍ତ ପରେ ସମିତିକୁ ଭଙ୍ଗ କରାଯାଇଥିଲା। ବରିଷ୍ଠ ଉପଦେଷ୍ଟା ତଥା ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ନୂତନ କାର୍ଯ୍ୟକାରିଣୀ ସମିତି ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ସଭାପତି ଭାବେ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପସଭାପତି ବିଶ୍ୱନାଥ ଅଗ୍ରୱାଲ, ତ୍ରିଲୋଚନ ନାୟକ, ଜଗନ୍ନାଥ ଦାଶ ଓ କହ୍ନେଇ ଚରଣ ଦାସ, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର ଏବଂ ସ୍ୱାଧୀନ ସୁନ୍ଦର ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହକୋଷାଧ୍ୟକ୍ଷ ଶିବଶଙ୍କର ଦାସ, ସଂଯୋଜକ ଭାବେ ଗୋବିନ୍ଦ ରାଉତଙ୍କ ନାମ ଘୋଷଣା କରାଯାଇଛି। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ୧୨ଜଣ ଉପଦେଷ୍ଟା ମଣ୍ଡଳୀ, ୨୪ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଏବଂ ୩୩ ଜଣଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି।

# ପୋଲିସ କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚା

## ଗଞ୍ଜେଇ ଧରପଗଡ଼କୁ ନେଇ ଦ୍ୱନ୍ଦ୍ୱ

ବାରିପଦା,୧୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପୋଲିସର କାର୍ଯ୍ୟକଳାପକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ଗୋଟିଏ ଥାନା ଅଞ୍ଚଳରୁ ଚଢ଼ାଉ କରି ଅନ୍ୟ ଥାନା ଅଞ୍ଚଳରେ ଦର୍ଶାଇବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ସୋସିଆଲ ମିଡିଆରେ ପୋଷ୍ଟ କରି ପୋଲିସକୁ ତାଚ୍ଛଲ୍ୟ କରୁଛନ୍ତି। ତେବେ ଏଭଳି ଘଟଣାକୁ ପଚରାଉଚୁରା ପୂର୍ବକ ତଦନ୍ତ କରାଯାଇ ଗିରଫ କରାଯାଇଛି ବୋଲି ଜିଲା ଏସ୍‌ପି ଏସ. ସୁଶ୍ରୀ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଜିଲା ପୋଲିସର ଏକ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ଖବରପାଇ ବୁଧବାର ଅପରାହ୍ନରେ ୪୯ ନଂ. ଜାତୀୟ ରାଜପଥର ବିଶୋଇ ଛକରେ ଜଗିଥିଲା। ଟିମ୍ ଓଡି ୦୨ ବିଡବ୍ଲ୍ୟୁ ୭୭୪୮ ନମ୍ବର ବିଶିଷ୍ଟ ଏକ ସୁଇଫ୍ଟ ଡିଜାୟାର କାରକୁ ଅଟକ ରଖି ଯାଞ୍ଚ କରିଥିଲା। କାରର ସିଟ୍ ମଝି ଓ ଗାଡ଼ିର ଡିକିରେ ବିପୁଳ ପରିମାଣ ଗଞ୍ଜେଇକୁ ଜବତ କରିଥିଲା। ଗଞ୍ଜେଇ ଚାଲାଣରେ ଜଡ଼ିତ ଅଭିଯୁକ୍ତର ହାତକୁ ବାନ୍ଧି ପୋଲିସ ନିଜ ଭ୍ୟାନରେ ବସାଇଥିଲା। ତେବେ ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୁକ୍ତ ସହ ଗଞ୍ଜେଇ ଓ କାରର ଫଟୋ ଉତ୍ତୋଳନ କରିଥିଲେ। ମାତ୍ର ଏହି ଘଟଣାକୁ ରୂପ ଦେଇ ବାରିପଦାର ପାଲବଣୀଠାରେ ବାରିପଦା ଟାଉନ ପୋଲିସ ପାଟ୍ରୋଲିଂ ସମୟରେ ଧରିଥିଲା ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ.ସୁଶ୍ରୀ ପ୍ରକାଶ କରିଥିଲେ। ତେବେ ତହିଁ ପରଦିନ ଦେଶୀ ବନ୍ଧୁକ ଜବତ ଘଟଣାକୁ ନେଇ ସମ୍ମିଳନୀରେ ଖବରଦାତାମାନେ ଏସ୍‌ପିଙ୍କୁ ଜବତ ଗଞ୍ଜେଇ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ବିଶୋଇ ବଜାରରୁ



ବିଶୋଇ ଛକରୁ ଜବତ ହୋଇଥିବା ଗଞ୍ଜେଇ ଭର୍ତ୍ତି କାର ଓ ପଛରେ ପୋଲିସ ଗାଡ଼ି।

ଦିନ ବେଳା ଜବତ ହୋଇଥିବା ଗଞ୍ଜେଇ ଓ ଅଭିଯୁକ୍ତମାନଙ୍କୁ କାହିଁକି ବାରିପଦାରୁ ଧରାହୋଇଛି ବୋଲି ପଚାରିଥିଲେ। ଏ ସମ୍ପର୍କରେ ଚାଲାଣକାରୀଙ୍କୁ ଟ୍ରାକ୍ କରାଯାଇ ବାରିପଦାରୁ ଧରା ହୋଇଛି ବୋଲି କହି କଥାକୁ ଏଡ଼ାଇ ଯାଇଥିଲେ। ପୋଲିସର ଉତ୍ତର ଓ ଘଟଣାକୁ ରୂପ ଦେବା ବାବଦରେ ଜିଲା ପୋଲିସର କାର୍ଯ୍ୟକଳାପ ପ୍ରତି ଦିନରେ ଲଣ୍ଠନ ଦେଖାଇବା ସଦୃଶ ବୋଲି ଆଲୋଚନା ହେଉଛି। ସେହିପରି ଜିଲା ଦେଇ ପ୍ରତିଦିନ ଗଞ୍ଜେଇ, ଗୋରୁ ଗାଡ଼ି ଓ ବ୍ରାଉନ୍‌ସୁଗର ଚାଲାଣ ହେଉଛି। ରାସଗୋବିନ୍ଦପୁର ନଳଗଜା ଓ ରୁପ୍ସା ବୈଶିଙ୍ଗା ରାଜ୍ୟ ରାଜପଥ ଦେଇ ଜଳେଶ୍ୱର ଓ ବାଲେଶ୍ୱର ଜିଲାରୁ ବ୍ରାଉନ୍‌ସୁଗର ଚାଲାଣ ହୋଇ ବାରିପଦାରେ ବିକ୍ରି ହେଉଛି। ୪୯ ନଂ. ଓ ୧୮ ନଂ. ଜାତୀୟ ରାଜପଥ ଦେଇ ଗଞ୍ଜେଇ ଓ ଗୋରୁ ଗାଡି ଚାଲାଣ ହେଉଛି। ଏଥିସହ ଜିଲାରେ ଚୋରି, ଛିନ୍‌ତାଇ ଓ ଡକାୟତି ଭଳି ଘଟଣା ପ୍ରତିଦିନ ଦେଖିବାକୁ ମିଳୁଛି। ଉଭୟ ବିଭାଗ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଗଲେ ନିଶାଦ୍ରବ୍ୟ କାରବାରରେ ଅଙ୍କୁଶ ଆସିପାରିବ ବୋଲି ସହରବାସୀ ଆଶା ପ୍ରକଟ କରିଛନ୍ତି।

# ୨ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ



ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ

ବାଲେଶ୍ୱର,୧୯।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ପରିସରରେ ଶୁକ୍ରବାର ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ୫୯ ଜଣ ଗବେଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ଥିଲା 'ନ୍ୟାଭିଗେଟିଙ୍ଗ ଇନକ୍ଲୁସିଭ ଏଜୁକେସନ: ବ୍ରିଜିଙ୍ଗ ଦ ଡିଭାଇଡ ଆଣ୍ଡ ଏମ୍ପାୱାରିଙ୍ଗ୍ ଏଭ୍ରି ଲରନର୍' ବା 'ଅନ୍ତର୍ନିବେଶୀ ଶିକ୍ଷା ପରିଚାଳନା: ଭିନ୍ନତା ସଂଯୋଜନ ଏବଂ ଶିକ୍ଷାର୍ଥୀ ସଶକ୍ତୀକରଣ'।

କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ସହ ଆର୍‌ଆଇଇ (ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଏବଂ ଟ୍ରେନିଂ) ଭୁବନେଶ୍ୱରର ପ୍ରଫେସର ହୃଷିକେଶ ସେନାପତି, ସ୍କୁଲ ଅଫ ଏଜୁକେସନ-ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ପ୍ରଫେସର ଅରବିନ୍ଦ କୁମାର ଝା, ନ୍ୟୁକ୍ଲିୟସ୍ ୟୁନିଭରସିଟି ଅଫ୍ ମେଡିସିନ୍ ଏବଂ ଦନ୍ତ ଚିକିତ୍ସା, ରଞ୍ଜୋଷ୍ଟାଡ୍, ଆରୁବା, କାନାଡ଼ାର ବରିଷ୍ଠ ପରାମର୍ଶଦାତା ଡା. ଦିଲ୍ଲୀପ ଗିରି ବିଶେଷ ଅତିଥି ଭାବେ ସମ୍ମିଳନୀରେ ଯୋଗଦେଇଥିଲେ। ଏଥିସହ କାର୍ଟିନ୍ ବିଶ୍ୱବିଦ୍ୟାଳୟ, ପର୍ଥ, ପଶ୍ଚିମ ଅଷ୍ଟ୍ରେଲିଆର ସହଯୋଗୀ ପ୍ରଫେସର ଡ. ରେଖା ଭାନକୌଲ ଆଭାସୀ ମାଧ୍ୟମରେ ଯୋଗଦେଇ 'ଅନ୍ତର୍ନିବେଶୀ ଏବଂ ଉଚ୍ଚଶିକ୍ଷା' ସମ୍ବନ୍ଧିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନେକ ସଂଖ୍ୟାରେ ଶିକ୍ଷାବିତ୍, ଗବେଷଣାରତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟ, ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ଶିକ୍ଷା ବିଭାଗର ମୁଖ୍ୟ ଆସୋସିଏଟ ପ୍ରଫେସର ଡ. ଜ୍ୟୋତି ଶଙ୍କର ପ୍ରଧାନ, ସାଂଗଠନିକ ସମ୍ପାଦକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ସମ୍ମିଳନୀର ପର୍ଯ୍ୟବେକ୍ଷଣ କରିଥିଲେ। ସମ୍ମିଳନୀକୁ ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରତିମା ପ୍ରଧାନ ସଞ୍ଚାଳନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ଟାଟା ଷ୍ଟିଲ୍ ଖଣିଗୁଡ଼ିକୁ ୩୭ ପୁରସ୍କାର



ଟାଟା ଷ୍ଟିଲ୍ ଖଣି କର୍ତ୍ତୃପକ୍ଷ ପୁରସ୍କାର ଗ୍ରହଣ କରୁଛନ୍ତି।

## ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପାଳନ

ଯୋଡ଼ା,୧୯।୧(ମାନସ ମହାନ୍ତି)

ଖଣି ସୁରକ୍ଷା ମହାନିର୍ଦ୍ଦେଶକ (ଡିଜିଏମଏସ), ଭୁବନେଶ୍ୱର ଅଧୀନରେ ଶୁକ୍ରବାର ୪୧ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ-୨୦୨୩ ସୋୟାବାଲିରେ ପାଳିତ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲର ଖଣିଗୁଡ଼ିକ ୩୭ଟି ପୁରସ୍କାର ହାସଲ କରିଛି। ଏ-୧ ସମୁଦାୟ ବର୍ଗର ପ୍ରଦର୍ଶନରେ ଯୋଡ଼ା ଇଷ୍ଟ ଆଇରନ ମାଇନ ବିଜେତା ହୋଇଥିବା ବେଳେ କାଟାମାଟି ଆଇରନ ମାଇନ ଏ-୨ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହାବ୍ୟତୀତ ଷ୍ଟଲ୍ ପ୍ରଦର୍ଶନୀ ବର୍ଗରେ ଟାଟା ଷ୍ଟିଲକୁ ବିଜେତା ବିବେଚିତ କରାଯାଇଥିଲା। ଯୋଡ଼ା ଇଷ୍ଟ ଆଇରନ ମାଇନର ଅଂଶୁ କୁମାରୀ ଶ୍ରେଷ୍ଠ ପୋଷ୍ଟର ବର୍ଗରେ, ଚଳିତ ମାସ ପ୍ରାରମ୍ଭରେ ଟେନସା ଓ ଦକ୍ଷିଣ କାଳିଆପାଣିଠାରେ ସେଭଳି ଏକ ପୁରସ୍କାର ବିତରଣ ସମାରୋହରେ ଖଣ୍ଡବନ୍ଧ ଆଇରନ ଓ ମାଙ୍ଗାନିଜ ମାଇନ, କାଟାମାଟି ଆଇରନ ମାଇନ, ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫଏଏମଡି) ଏବଂ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନଆଇଏନଏଲ) ଓ ସୁକିନ୍ଦା କ୍ରୋମାଇଟ ଖଣି ଆଦି ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖଣି ସୁରକ୍ଷା ମହାନିର୍ଦ୍ଦେଶକ ପ୍ରଭାତ କୁମାର, ରାଞ୍ଚିର ଖଣି ନିରାପତ୍ତା ଉପମହାନିର୍ଦ୍ଦେଶକ ଏସ୍‌ଡି ଚିଦାମ୍ବରମ, ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ୍‌ର ଖଣି ବିଭାଗର ମୁଖ୍ୟ ପରିଚାଳନା ଅଧିକାରୀ ସୌଭିକ ମଜୁମଦାର, ଭୁବନେଶ୍ୱର ରିଜିଅନ-୧ଖଣି ନିରାପତ୍ତା ନିର୍ଦ୍ଦେଶକ କୃଷ୍ଣେନ୍ଦୁ ମଣ୍ଡଳ, ଅଞ୍ଚଳ-୧ ଖଣି ସୁରକ୍ଷା ନିର୍ଦ୍ଦେଶକ ପିଆର ଠାକୁର, ରିଜିଅନ-୨ର ବିଭିନ୍ନ ଖଣିର ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଟାଟା ଷ୍ଟିଲ, ଜେଏସଡବ୍ଲ୍ୟୁ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ଖଣି ନିଗମ, ବେଦାନ୍ତ ଭଳି ବିଭିନ୍ନ ଖଣି କମ୍ପାନୀ ଏବଂ ଭେଣ୍ଡର ପାର୍ଟନରଙ୍କ ଦ୍ୱାରା ସ୍ଥାପନ ଷ୍ଟଲ ପରିଦର୍ଶନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ ଯୋଡ଼ା ଇଷ୍ଟ ଆଇରନ ମାଇନର ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲର ଖଣ୍ଡବନ୍ଧ ଅଇରନ ମାଇନର ମୁଖ୍ୟ ଜିଭି ସତ୍ୟନାରାୟଣ, ନୂଆମୁଣ୍ଡି ଆଇରନ ମାଇନ ମୁଖ୍ୟ ଶିରିଷ ଶେଖର, ଟାଟା ଷ୍ଟିଲ ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ମୁଖ୍ୟ ରାହୁଲ କିଶୋର, ଡିଜିଏମଏସର ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକ, ସୁରକ୍ଷା ବୋର୍ଡ ସଦସ୍ୟ ଓ ବିଭିନ୍ନ ଖଣି କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ।

## କମିଲା କୁମ୍ଭୀର ସଂଖ୍ୟା

ବାରିପଦା,୧୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ହ୍ରାସ ପାଇଛି। ଗତବର୍ଷ ତୁଳନାରେ ୪ଟି କୁମ୍ଭୀର କମ୍ ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି । ଶିମିଳିପାଳ ଅଭୟାରଣ୍ୟ ଓ ଏହାର ପାଦଦେଶରେ ଥିବା ବିଭିନ୍ନ ଜଳାଶୟ ଓ ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ମୋଟ ୮୨ଟି କୁମ୍ଭୀର ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି । ପଶ୍ଚିମ ଓ ପୂର୍ବ ଦେଓ ନଦୀ, ଖଇରୀ, ଖଡ଼ଖାଇ, ଠକଠକି, ବୁଢ଼ାବଳଙ୍ଗ ଏବଂ ରାମତୀର୍ଥଠାରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ରରେ କୁମ୍ଭୀର ଗଣନା ଜାନୁଆରୀ ୬ରୁ ୮ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିଥିଲା। ଉତ୍ତର ଶିମିଳିପାଳର ୭ ଓ ଦକ୍ଷିଣ ଶିମିଳିପାଳରେ ୯ଟି ରେଞ୍ଜରେ ଗୋଟିଏ ଲେଖାଏ ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ଦକ୍ଷିଣ ଡିଭିଜନରେ ୭୫ଟି କୁମ୍ଭୀର, ଉତ୍ତର ଡିଭିଜନରେ ଗୋଟିଏ ଓ ରାମତୀର୍ଥ ପ୍ରଜନନ କେନ୍ଦ୍ରରେ ୬ କୁମ୍ଭୀର ରହିଥିବା ନେଇ ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୨୧ ଗଣନାରେ ୮୧, ୨୦୨୨ରେ ୮୩ ଓ ୨୦୨୩ରେ ୮୬ଟି କୁମ୍ଭୀର ରହିଥିବା ବେଳେ ଚଳିତ ବର୍ଷ ୪ଟି କୁମ୍ଭୀର କମିଥିବା ଜଣାପଡିଛି। ତେବେ ଉକ୍ତ କୁମ୍ଭୀରଗୁଡ଼ିକର ମୃତ୍ୟୁ ହୋଇଛି ନା ଶିକାର କରାଯାଇଛି ତାହାକୁ ପ୍ରାଣୀପ୍ରେମୀମାନେ ସନ୍ଦେହ ପ୍ରକାଶ କରିଛନ୍ତି ।

# 'ସ୍ୱପ୍ନ ସାକାର ପାଇଁ ଅଧ୍ୟବସାୟ ଦରକାର'

## ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲିଆପାଳ,୧୯।୧(ଗୋପାଳ ଚନ୍ଦ୍ର ସାହୁ)

ବଡ଼ ହେବା ପାଇଁ ସ୍ୱପ୍ନ ଦେଖ। ସ୍ୱପ୍ନ ସାକାର କରିବା ପାଇଁ ନିଷ୍ଠା ଓ ଅଧ୍ୟବସାୟ ଦରକାର ବୋଲି ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ କେଦାର ନାଥ ମହାନ୍ତି, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ଆଲୁମିନି ସଭାପତି ତଥା ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ରଣା, ସିଆର୍‌ସିସି ଅଶୋକ କୁମାର ଗିରି, ଅବସରପ୍ରାପ୍ତ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ, ଅବସର ପ୍ରାପ୍ତ ପ୍ରାଧାପକ ଅନନ୍ତ ଗିରି, ଅବସର ପ୍ରାପ୍ତ ଅଧ୍ୟକ୍ଷ କୁଞ୍ଜକାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ରାଜେଶ କୁମାର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାକର ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅମରେନ୍ଦ୍ର ପାତ୍ର, ମନମୋହନ ବାସ୍କେ, ମାନସୀ ଦାସ, ପୂଜାରାଣୀ ଦାସ, ଶୁଭସ୍ମିତା ବେହେରା, ପୁଷ୍ପକ ଜେନା, ରବୀନ୍ଦ୍ର କୁମାର ସାହୁ, ମଧୁସ୍ମିତା ଜେନା, ତପନ କୁମାର ଜେନା, ଆଶୀର୍ବାଦ ବାରିକ, ଅରବିନ୍ଦ ବେହେରା, ରାଜେଶ ପାତ୍ର, ଅରୁଣ ରଣଜିତ, ବିଶ୍ୱନାଥ ସିଂ ଓ ବୀଣାପାଣି ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୋଲିଲା ଇଭିଏମ୍, ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର

ଭଦ୍ରକ,୧୯।୧(ସନାତନ ରାଉତ/ରବିନାରାୟଣ ଖିଲାର)

ମତଦାନ ବେଳେ ଇଭିଏମ୍ ଓ ଭିଭିପିଏଟିର ବ୍ୟବହାର ସମ୍ପର୍କରେ ଭୋଟରମାନଙ୍କୁ ଅବଗତ ପାଇଁ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଖୋଲିଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହାକୁ ଉଦ୍‌ଘାଟନ କରିଛନ୍ତି। ନୂତନ ଓ ଅନଭିଜ୍ଞ ଭୋଟରମାନଙ୍କୁ ଏହା ସହାୟକ ହୋଇପାରିବ ବୋଲି ଜିଲାପାଳ


ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟନ ବେଳେ ଉପସ୍ଥିତ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟ ଅଧିକାରୀମାନେ।

କହିଥିଲେ। ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଏହି କେନ୍ଦ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲା ରହିବ। ଦୁଇ ଯନ୍ତ୍ରର ବ୍ୟବହାର ଓ ଉପାଦେୟତା ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨ଜଣଙ୍କୁ ନିୟୋଜିତ କରାଯାଇଛି। ଇଭିଏମ୍‌ରେ ମତଦାନ ପରେ ଭିଭିପିଏଟି ଜରିଆରେ ଭୋଟରମାନେ କିପରି ନିଜ ମତଦାନକୁ ଯାଞ୍ଚ କରିପାରିବେ, ସେ ସମ୍ପର୍କରେ ଭୋଟରମାନେ ଅଭିଜ୍ଞତା ହାସଲ କରିପାରିବେ। ଫେବୃଆରୀ ୨୯ ପର୍ଯ୍ୟନ୍ତ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ରହିବ। ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଡେପୁଟି କଲେକ୍ଟର (ନିର୍ବାଚନ) ସାଗରିକା ସାହୁ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ କର୍ମଚାରୀ କୃଷ୍ଣଚନ୍ଦ୍ର ରାଉତ, ଆବୁଫୈଜ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା ଅବରୋଧକଲେ ଗ୍ରାମବାସୀ

## ନିମ୍ନମାନର ପିଚୁ କାମକୁ ବିରୋଧ

ପାଟଣା,୧୯।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଗ୍ରାମ ଉନ୍ନୟନ ବିଭାଗର ଅଧୀନ ସ୍ୱାମଠାରୁ ଖମୁଆ ୭ କି.ମି. ପିଚୁ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଶତାଧିକ ସରାସକୋଲା ଗ୍ରାମବାସୀ ଶୁକ୍ରବାର ଜିଆଣି ସାହି ନିକଟରେ ରାସ୍ତା ଅବରୋଧ କରିଥିଲେ। ଦିନ ତମାମ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ସୂଚନା ଅନୁଯାୟୀ, ଗ୍ରାମ ଉନ୍ନୟନ ବିଭାଗ ତରଫରୁ ଉକ୍ତ ରାସ୍ତା ମରାମତି ପାଇଁ ୫୫ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି। କାମ ଚାଲିଥିବା ବେଳେ ଗୁରୁବାର ରାତିରେ ଠିକାସଂସ୍ଥାର କର୍ମଚାରୀମାନେ ଉକ୍ତ ରାସ୍ତାରେ ପିଚୁ ପକାଇଥିଲେ। ଶୁକ୍ରବାର ସକାଳୁ ରାସ୍ତା ଉପରେ ଗାଡ଼ି ଚାଲିବା ପରେ ପିଚୁ ସବୁ ଫାଳ ହୋଇ ଉଠିଯାଇଥିଲା। ଏ ନେଇ ଶତାଧିକ



ଗ୍ରାମବାସୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଗ୍ରାମବାସୀ ଏକାଠି ହୋଇ ପ୍ରତିବାଦ କରି ରାସ୍ତାକୁ ଅବରୋଧ କରିଥିଲେ। ଅପରାହ୍ନରେ ଯନ୍ତ୍ରୀ ଦେବାନନ୍ଦ ମହାନ୍ତ, ଠିକାଦାର ଗଜେନ୍ଦ୍ର ସାହୁ ପହଞ୍ଚି ଆଉଥରେ ପ୍ରାଇମର ଦେଇ ନୂଆ ପିଚୁ ପକାଇବାକୁ ବୁଝାଇ ଥିଲେ। ପରେ ପଞ୍ଚାୟତ ଅଫିସ ସମ୍ମୁଖ ରାସ୍ତାରେ ପିଚୁ ପକାଇବାକୁ ଉଦ୍ୟମ ବେଳେ ଲୋକେ ଉପରିସ୍ଥ ଅଧିକାରୀ ଆସି ତଦନ୍ତ କରିବା ସହ ଦିନରେ ଗରମ ପିଚୁରେ କାର୍ଯ୍ୟ କରିବା ଜିଦ୍‌ରେ ଅଟଳ ରହି ପିଚୁ ବୋଝେଇ ହାଇୱାକୁ ଫେରାଇ ଦେଇଥିଲେ। ଅଧିକାରୀ ନ ଆସିଲେ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ଗ୍ରାମ ମୁଖିଆ ରବିନ୍ଦ୍ର ଦେହୁରୀ, ହରିହର ବାରିକ ଓ ଗୋପୀନାଥ ଦେହୁରୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ବିନୋଦ ବିହାରି ଦାସ, ଏସ୍‌ଡିଓ ଆଶୁତୋଷ ସେଠୀ ଓ ଯନ୍ତ୍ରୀ ଦେବାନନ୍ଦ ମହାନ୍ତଙ୍କ ପ୍ରତିକ୍ରିୟା ପାଇଁ ବାରମ୍ବାର ଫୋନ କରିଥିଲେ ହେଁ କୌଣସି ଅଧିକାରୀ ଫୋନ ଉଠାଇ ନ ଥିଲେ।

# ଯୁବକଂଗ୍ରେସର ଭଦ୍ରକ-ଧାମରା ରେଳପଥ ଅବରୋଧ

ତିହିଡ଼ି/ଚାନ୍ଦବାଲି,୧୯।୧ (ସଞ୍ଜିତ ବଳ/ ଅଶୋକ କୁମାର ପଣ୍ଡା/ କିଷାନ ପାତ୍ର)

ଭଦ୍ରକ ଜିଲା ଯୁବ କଂଗ୍ରେସ ପକ୍ଷରୁ ୧୦ ଦଫା ଦାବିରେ ଶୁକ୍ରବାର ଭଦ୍ରକ-ଧାମରା ରେଳପଥର ଗଦି ଲେଭଲକ୍ରସିଂଠାରେ ରେଳପଥ ଅବରୋଧ କରାଯାଇଥିଲା। ଦଳୀୟ ନେତା ଓ କର୍ମୀମାନେ ଗଦି ବଜାରରୁ ଶୋଭାଯାତ୍ରାରେ ବାହାରି ଲେଭଲକ୍ରସିଂଠାରେ ପହଞ୍ଚି ଆନ୍ଦୋଳନ କରିଥିଲେ। ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ରେଳପଥ ପାଇଁ ଜମି ହରାଇଥିବା ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି, ରେଳପଥ ପାର୍ଶ୍ୱରେ ଜଳ ନିଷ୍କାସନ ଲାଗି ଡ୍ରେନ୍ ନିର୍ମାଣ, ବନ୍ଦରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇବା, ପାରିପାର୍ଶ୍ୱିକ ଉନ୍ନତି ଆଦି ଦାବି କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ହେମନ୍ତ ମହାପାତ୍ରଙ୍କ



ରେଳପଥ ଅବରୋଧ କରି ବସିଛନ୍ତି କଂଗ୍ରେସ କର୍ମକର୍ତ୍ତା।

ନେତୃତ୍ୱରେ ରେଳପଥ ପାର୍ଶ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ମୁଖପାତ୍ର ଅମୀୟ ପାଣ୍ଡବ, ରଜନୀକାନ୍ତ ମହାନ୍ତି, ଛାତ୍ର କଂଗ୍ରେସର ରାଜ୍ୟ ଉପସଭାପତି ଆଶିଷ କୁମାର ମହାନ୍ତି, ଚାନ୍ଦବାଲିର ଯୁବନେତା ସତ୍ୟାନନ୍ଦ ରାଉତ, ଚାନ୍ଦବାଲି ଯୁବ କଂଗ୍ରେସ ସଭାପତି ଶକ୍ତିପ୍ରତାପ ବିଶ୍ୱାଳ, ତିହିଡ଼ି ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ବରିଷ୍ଠ ନେତା ଦିଗମ୍ବର ଦାସ, ମନୋଜ ବିଶ୍ୱାଳ, ସୁଦର୍ଶନ ସ୍ୱାଇଁ, ବସନ୍ତ ନାୟକ, ଭରତ ଚନ୍ଦ୍ର ପାତ୍ର, ସୌମ୍ୟରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ବୋଲି ଅଭିଯୋଗ କରିଥିଲେ। ସକାଳ ୮ଟାରୁ ସେମାନେ ରେଳପଥ ଅବରୋଧ କରିଥିଲେ। ମାସକ ପୂର୍ବେ ଦାବି ପୂରଣ ପାଇଁ ଆଦାନୀ କମ୍ପାନୀ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଆନ୍ଦୋଳନ କରାଯାଇଥିବା କହିଥିଲେ। ଆଦାନୀ କମ୍ପାନୀ କର୍ପୋରେଟ୍ ଆଫାୟର୍ସର ବରିଷ୍ଠ ପରିଚାଳକ ସମୀର କୁମାର ୱାରିୟର, ତହସିଲଦାର ଦେବୀପ୍ରସନ୍ନ ସାରସ୍ୱତ, ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ, ଚାନ୍ଦବାଲି ଥାନାଧିକାରୀ ପଞ୍ଚାନନ ମହାନ୍ତି, ପୀରହାଟ ଥାନାଧିକାରୀ ଶ୍ରୀକାନ୍ତ ପତି ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସପ୍ତାହେ ମଧ୍ୟରେ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କମ୍ପାନୀର ବରିଷ୍ଠ ପରିଚାଳକ ୱାରିୟର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ୮ ଚୋରି ବାଇକ୍ ଜବତ, ୨ ଗିରଫ

ଭଦ୍ରକ,(ସନାତନ ରାଉତ)- ଭଦ୍ରକ ଜିଲା ସାବରଙ୍ଗ ଥାନା ପୋଲିସ ୮ଟି ଚୋରି ବାଇକ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ସାବରଙ୍ଗ ଥାନା ଅଧୀନ ସେରପୁର ଗ୍ରାମର ରତିକାନ୍ତ ଗିରି(୨୫) ଓ ରାଢ଼ଙ୍ଗୋ ଗ୍ରାମର ପରମେଶ୍ୱର ନାୟକ(୨୩)। ଥାନାଧିକାରୀ ରୀନା ବକ୍ସଲାଙ୍କ ସୂଚନା ଅନୁଯାୟୀ, ୨ ଅଭିଯୁକ୍ତ ବାଇକ୍ ଚୋରି ରାକେଟ୍‌ରେ ସାମିଲ ଥିବା ସୂଚନା ପାଇ ଗୁରୁବାର ରାତିରେ ସେମାନଙ୍କ ଘରେ ଚଢ଼ାଉ କରାଯାଇଥିଲା। ଏନେଇ ପୋଲିସ ମାମଲା (ନଂ.୨୧/୨୪) ରୁଜୁ କରିଛି।



## ସଂକ୍ଷେପରେ

### ଭାଷା, ସାହିତ୍ୟ ସୃଜନଶୀଳତାର ଉତ୍ସବ

ମୋରଡ଼ା,୧୯।୧ (ସ୍ୱାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାସ୍ଥିତ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପାଲ, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ରଣଜିତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଖବରଦାତା ରଜତ କୁମାର ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କମଳଲୋଚନ ବେହେରା, ହୃଦାନନ୍ଦ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ସାହିତ୍ୟ, ଭାଷାର ବିକାଶ ହେଲେ ସୃଜନଶୀଳତା ଦ୍ୱାରା ଛାତ୍ରୀଛାତ୍ର ନିଜର ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଅରୁଣ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୧୯।୧(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ଦଲକି ଗାଁର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଜମ୍ମୁ କଶ୍ମୀରରେ ସିଆର୍‌ପିଏଫ୍‌ରେ ଯବାନ ଭାବେ କାର୍ଯ୍ୟରତ ଗଣେଶ ମହାନ୍ତଙ୍କ ସ୍ତ୍ରୀ ରିଙ୍କି (୨୦)। ମୃତ ରିଙ୍କିଙ୍କ ବାପା ସଞ୍ଜୟ କୁମାର ମହାନ୍ତଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ. ୧୯/୨୪ ) ରୁଜୁ କରି ସ୍ୱାମୀ ଗଣେଶଙ୍କୁ ଥାନାରେ ଅଟକ ରଖିଥିବା ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ କହିଛନ୍ତି। ଶୋଇବା ଘରେ ରିଙ୍କି ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି।

# ପଞ୍ଚାୟତ ସମିତି ବୈଠକରେ ସରପଞ୍ଚଙ୍କ ସମ୍ପର୍କୀୟ

**ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକୁ ବେଖାତିର**

ରୂପସା,୧୯।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ପଞ୍ଚାୟତ ସମିତିରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକୁ ବେଖାତିର କରାଯାଇଥିବା ଅଭିଯୋଗ ହୋଇଛି। ମହିଳା ସରପଞ୍ଚଙ୍କ ସ୍ୱାମୀ, ଦିଅର, ଶ୍ୱଶୁର ଏହି ବୈଠକରେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଏପରିକି ବ୍ଲକ୍ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ମଧ୍ୟ କାର୍ଯ୍ୟ ତୁଲାଇଥିବା ପରିଲକ୍ଷିତ ହୋଇଛି। ଏ ନେଇ ଜନପ୍ରତିନିଧି ମହଲରେ ଅସନ୍ତୋଷ ଦେଖାଦେଇଛି।

ରାଜ୍ୟ ସରକାରଙ୍କ ଚିଠି ନଂ. ୭୨୭/୯।୧।୨୪ ଏବଂ ବସ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚିଠି ନଂ. ୨୮୭/୧୮।୧।୨୪ ମୁତାବକ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ଶୁକ୍ରବାର ଅପରାହ୍ନରେ ବ୍ଲକ୍ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଆରଏସ୍, ଜିଲା ପରିଷଦ ସଭ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଥିଲା। ବିଡିଓ ମୋହିନୀ କୁମାର ନାଏକ ସମସ୍ତ ଜନ ପ୍ରତିନିଧିଙ୍କୁ ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ ବୈଠକରେ ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମେତ ଗଡ଼ପଦା ପଞ୍ଚାୟତ ସରପଞ୍ଚଙ୍କ ଶ୍ୱଶୁର, ରାଉତପଡ଼ା ସରପଞ୍ଚଙ୍କ ସ୍ୱାମୀ, ପତ୍ରଝଡ଼ା ସରପଞ୍ଚଙ୍କ ଦିଅର ପ୍ରମୁଖ ବୈଠକରେ ଉପସ୍ଥିତ ଥିବାରୁ ଅନ୍ୟ ମହିଳା ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମହିଳା ସରପଞ୍ଚଙ୍କ ନାମରେ ତାଙ୍କ ସମ୍ପର୍କୀୟଙ୍କ ଶାସନ ଚଳିବ ନାହିଁ ବୋଲି ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। କିନ୍ତୁ ବସ୍ତା ସମିତି କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ସଭାଗୃହର ସିସିଟିଭିକୁ ଯାଞ୍ଚ କରାଯାଇ ଘଟଣାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ବିଡିଓ ନାଏକଙ୍କୁ ପଚାରିବାରୁ ସେ ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରୁଛି ବୋଲି କହିଥିଲେ।

ପ୍ରକାଶ ଥାଉକି, ଅଧିକାଂଶ ମହିଳା ସରପଞ୍ଚଙ୍କ ସ୍ୱାମୀ, ଶ୍ୱଶୁର ଓ ସମ୍ପର୍କୀୟ ପଞ୍ଚାୟତ ଅଫିସରେ ଅବାଧରେ ସରପଞ୍ଚଙ୍କ କାର୍ଯ୍ୟ ତୁଲାଇବା ସହ ଭତ୍ତା ବାଣ୍ଟୁଥିବା ଦେଖିବାକୁ ମିଳୁଛି। କିନ୍ତୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଓ ବିଡିଓ ସବୁ ଜାଣିଶୁଣି ଚୁପ୍ ରହୁଥିବାରୁ ସାଧାରଣରେ ଏହାକୁ ନାପସନ୍ଦ କରାଯାଇଛି।

# ‘ସ୍ୱପ୍ନକୁ ଉଚ୍ଚତମ ସୋପାନରେ ପହଞ୍ଚାଇବା ଆବଶ୍ୟକ’



ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ତିହିଡ଼ି,୧୯।୧(ସଞ୍ଜିତ ବଳ)

ଛାତ୍ରୀଛାତ୍ର ଭବିଷ୍ୟତକୁ ନେଇ ଦେଖୁଥିବା ସ୍ୱପ୍ନକୁ ଉଚ୍ଚତମ ସୋପାନରେ ପହଞ୍ଚାଇବା ଆବଶ୍ୟକ। ଯାହାଦ୍ୱାରା ସେମାନେ ନିଜର ସଫଳ ଜୀବନକୁ ନେଇ ଆତ୍ମସନ୍ତୋଷ ପାଇପାରିବେ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ-ଅର୍ଜୁନ କଲେଜର ‘ଯୁବ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସ ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ, ସରପଞ୍ଚ ଯଶୋଦା ମଲ୍ଲିକ, ବିଜେଡି ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସଞ୍ଚାଳନ କରିଥିଲେ। ପ୍ରଦୀପ କୁମାର ମିଶ୍ର, ତପନ କୁମାର ନାୟକ, ସରୋଜ ମହାପାତ୍ର, ମୃତ୍ୟୁଞ୍ଜୟ ନାରାୟଣ ଦାସ, ରାମଚନ୍ଦ୍ର ବେହେରା, ଦେବାଶିଷ ଦାସ, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଅଧ୍ୟାପକମାନେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ବାଗ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଇରଙ୍ଗପୁରରେ ଇଭିଏମ୍, ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର



ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅଧିକାରୀ ଓ ଅନ୍ୟମାନେ।

ବାରିପଦା/ ରାଇରଙ୍ଗପୁର,୧୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ/ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଉପଜିଲାପାଳ ସରୋଜ କୁମାର ଦାଶ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉକ୍ତ କେନ୍ଦ୍ରରେ ଇଭିଏମ୍ ଏବଂ ଭିଭିପିଏଟିର କାର୍ଯ୍ୟ ପ୍ରକ୍ରିୟା ସହ ପୋଲିଂ ବୁଥ୍‌ରେ ମତଦାନର ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ବନ୍ଧରେ ମକ୍ ପୋଲିଂ ଜରିଆରେ ଅବଗତ ତଥା ସଚେତନ କରାଯିବ।

**ଭୋଟର ସଚେତନତା ପାଇଁ ଭ୍ରାମ୍ୟମାଣ ଭ୍ୟାନ୍ ପରିକ୍ରମା**

ଯାହାଦ୍ୱାରା ଆଗାମୀ ସାଧାରଣ ନିର୍ବାଚନରେ ପ୍ରତ୍ୟେକ ମତଦାତା ନିର୍ଭୁଲ ଭାବେ ମତଦାନ କରିବା ସହ ସେ ଦେଇଥିବା ଭୋଟ୍‌ଟି ତାଙ୍କର ମନୋନୀତ ଠିକ୍ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି କି ନାହିଁ ସେନେଇ ନିଶ୍ଚିତ ହୋଇପାରିବେ।

ଏହି ଅବସରରେ ଉପଜିଲାପାଳ ଇଭିଏମ୍ ଏବଂ ଭିଭିପିଏଟି ସଂଯୁକ୍ତ ୮ଟି ଭ୍ରାମ୍ୟମାଣ ଭ୍ୟାନ୍ ଶୁଭାରମ୍ଭ କରିଥିଲେ। ମୋବାଇଲ ଭ୍ୟାନ୍‌ଗୁଡ଼ିକ ବାମନଘାଟି ଉପଖଣ୍ଡର ସମସ୍ତ ବ୍ଲକ ଏବଂ ରାଇରଙ୍ଗପୁର ପୌରାଞ୍ଚଳର ପ୍ରତ୍ୟେକ ପୋଲିଂ ବୁଥ୍ ଏବଂ ଗ୍ରାମରେ ପହଞ୍ଚି ଭୋଟରମାନଙ୍କୁ ସଚେତନ କରିବ। ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ମନୋଜ କୁମାର ମହାନ୍ତ, ରଞ୍ଜିତ୍ କୁମାର ମହାନ୍ତ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବାମନଘାଟି ଉପଖଣ୍ଡର ବିଭିନ୍ନ ବିଭାଗୀୟ ପଦାଧିକାରୀ, ନିର୍ବାଚନ କାର୍ଯ୍ୟରେ ସଂଶ୍ଳିଷ୍ଟ ପୌର କର୍ମଚାରୀ ଓ ବୁଥ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୋପାଳପୁର ମୁନି ମେଳାରେ ପାଲା ପରିବେଷଣ

ବାସୁଦେବପୁର,୧୯।୧
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଗୋପାଳପୁର ବାଲ୍ମିକୀ ମୁନି ପଡ଼ିଆରେ ଗୁରୁବାର ସନ୍ଧ୍ୟାରୁ ମୁନିମେଳା ଆରମ୍ଭ ହୋଇଛି। ଚଳିତବର୍ଷ ଏହି ମେଳା ୪୦ ବର୍ଷରେ ପହଞ୍ଚିଛି। ଓଡ଼ିଶାର ସୁନାମଧନ୍ୟ ପାଲାଗାୟକ ପୁରୀ ଜିଲା କୋଣାର୍କ ଅଞ୍ଚଳର ଗାୟକ ବ୍ୟାସ ଉପାଧି ଭୂଷିତ ବରିଷ୍ଠ ପାଲାଗାୟକ ଲକ୍ଷ୍ମୀଧର ଦାଶ ପାଲା ପରିବେଷଣ କରିଥିଲେ। ଶାସ୍ତ୍ର ପୁରାଣ, ରାମାୟଣ, ମହାଭାରତ, ଦର୍ଶନ, ସାମାଜିକ ଶିକ୍ଷା ତଥା ବିଭିନ୍ନ ଦିଗକୁ ନେଇ ସେ ଅତି ନିଖୁଣ ଭାବେ ପାଲା ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଛନ୍ତି। ବାୟକ ଶିବପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ବାରିକ, ରବୀନ୍ଦ୍ର ବାରିକ, ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପାଲା ଏକ ବିଦଗ୍ଧ ସାହିତ୍ୟ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ଏହାର ଆଦର ପରିଲକ୍ଷିତ ହୋଇଛି। ରବିବାର ଏହି ଉତ୍ସବ ଉଦ୍‌ଯାପିତ ହେବ ବୋଲି ପାଲା କମିଟି ସମ୍ପାଦକ ବ୍ରଜଗୋପାଳ ଅଗସ୍ତି କହିଛନ୍ତି।

# ଯାଜପୁର ୟୁନିକ୍ ଇଲେଭେନ୍ ସେମିରେ



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଧାମନଗର, ୧୯।୧(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆରେ ମା’ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମା’ ସୁବର୍ଣ୍ଣମୁଖୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଅତିଥି ଭାବେ ଦୋବଲ ସରପଞ୍ଚ ଅଶୋକ କୁମାର ପଣ୍ଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କର, ସାମାଜିକ କର୍ମୀ ସଞ୍ଜିତ କୁମାର ସାହୁ, ତପନ କୁମାର ଦାସ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ପୋର୍ଟିଂ କ୍ଲବ ଧାମନଗର ଓ ୟୁନିକ ଇଲେଭେନ ଯାଜପୁର ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ୟୁନିକ ଇଲେଭେନ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ସ୍ପୋର୍ଟିଂ କ୍ଲବ ୧୮ ଓଭରରେ ୯ ଉଇକେଟ ହରାଇ ୯୨ ରନ୍ କରିଥିଲା। ୟୁନିକ ଇଲେଭେନ ୧୧.୪ ଓଭରରେ ୪ ଉଇକେଟ ହରାଇ ୯୩ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ୟୁନିକ ଇଲେଭେନର ରେହାନ ଖାନଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ବିବେକାନନ୍ଦ ସାମଲ ଓ ପ୍ରକାଶ ନନ୍ଦ ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ସମୀର ସାହୁ ଓ ସୌମ୍ୟ ନାଥ। ଅଜୟ ସାହୁ ଓ ବସନ୍ତ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ।

# ଡେପୁଟେଶନରେ ଶିଶୁରୋଗ ବିଶେଷଜ୍ଞ

**ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର: ସ୍ୱାସ୍ଥ୍ୟସେବା ବ୍ୟାହତ**

ଭଦ୍ରକ,୧୯।୧(ସନାତନ ରାଉତ)-ଭଦ୍ରକ ଜିଲା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୋଜିତ ଶିଶୁରୋଗ ବିଶେଷଜ୍ଞଙ୍କୁ ଡେପୁଟେଶନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବାରୁ ଶିଶୁ ଚିକିତ୍ସା ସେବା ବ୍ୟାହତ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଏଠାରେ ଶିଶୁ ରୋଗ ବିଶେଷଜ୍ଞ ନ ଥିବାରୁ ସ୍ଥାନୀୟ ଲୋକେ ଏମ୍‌ପି, ବିଧାୟକଙ୍କ ସହ ଜିଲା ପ୍ରଶାସନକୁ ବାରମ୍ବାର ଅବଗତ କରିବା ପରେ ଜଣେ ଡାକ୍ତରଙ୍କୁ ୨୦୨୨ ଜୁଲାଇରେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ୬ ମାସ ପରେ କାର୍ଯ୍ୟରତ ଶିଶୁ ରୋଗ ବିଶେଷଜ୍ଞ ଡା. ଜ୍ୟୋତିରଞ୍ଜନ ଦାଶଙ୍କୁ ଗତ ୧୧ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେଶନରେ ନିଆଯାଇଥିବା ଜଣାପଡ଼ିଛି।

ବନ୍ତ ବ୍ଲକର ଏକମାତ୍ର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବନ୍ତ ବ୍ଲକ ସମେତ ବାଲେଶ୍ୱର ଜିଲାର ଖଇରା ବ୍ଲକ ଓ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର କିଛି ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ରୋଗଗ୍ରସ୍ତ ଶିଶୁକୁ ୨୨ କି.ମି. ଦୂର ଭଦ୍ରକ ନେଇ ଚିକିତ୍ସା କରିବା ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ କଷ୍ଟସାଧ୍ୟ। ବ୍ୟୟବହୁଳ ହୋଇଥିବାରୁ ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ଡେପୁଟେଶନ ବାତିଲ କରି ଉକ୍ତ ଡାକ୍ତରଙ୍କୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଭାବେ ନିଯୁକ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗ ଡାକ୍ତର ଛୁଟିରେ ଯାଇଥିବାରୁ ସପ୍ତାହରେ ୩ ଦିନ ଡେପୁଟେଶନ କରାଯାଇଛି। ଛୁଟିରେ ଯାଇଥିବା ଡାକ୍ତର କାର୍ଯ୍ୟରେ ଯୋଗଦେବା ପରେ ଡେପୁଟେଶନ ବାତିଲ କରାଯିବ।

# ହ୍ୟାଣ୍ଡବଲ କିମ୍ବଦନ୍ତୀ ଗୁରୁ ଗଣେଶ୍ୱରଙ୍କ ସ୍ମୃତିସଭା



ସ୍ମୃତିସଭାରେ ମେମୋରିଆଲ ଏକାଡେମୀର ସଦସ୍ୟ ଓ ଅନ୍ୟମାନେ।

କେନ୍ଦୁଝର,୧୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ): ଓଡ଼ିଶାର ବିଶିଷ୍ଟ କ୍ରୀଡ଼ାବିତ୍ ତଥା ହ୍ୟାଣ୍ଡବଲ କିମ୍ବଦନ୍ତୀ ଗଣେଶ୍ୱର ଉପାଧ୍ୟାୟଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣେଶ୍ୱର ଉପାଧ୍ୟାୟ ମେମୋରିଆଲ ଏକାଡେମୀର ବୈଠକ ରାଇସୁଆଁ, ହର୍ଷପୁରସ୍ଥିତ ଶ୍ରୀବିଶ୍ୱନାଥ ଶିବମନ୍ଦିରରେ ବସିଥିଲା। ଦେବକୁମାର ଉପାଧ୍ୟାୟଙ୍କ ଆବାହକତ୍ୱରେ ଜିଲା ଆଥଲେଟିକ ସଂଘ ସମ୍ପାଦକ ଜନାର୍ଦ୍ଦନ ଦାସ, କେନ୍ଦୁଝର ଜିମନାସିୟମ ସମ୍ପାଦକ ବିପିନ ଦାସ, ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ବିକେ ଦାନି, ବିଶିଷ୍ଟ କ୍ରୀଡ଼ାବିତ୍ ବିନୟ ଭୂଷଣ ପଟ୍ଟନାୟକ, ସାମାଜିକକର୍ମୀ ସ୍ୱପ୍ନେଶ୍ୱର ସାହୁ, ସଂଗଠକ ସନ୍ଦୀପ ପଟ୍ଟନାୟକ, କ୍ରୀଡ଼ାପ୍ରେମୀ ସଞ୍ଜୟ ପ୍ରହରାଜ, ରାମଲାଲ ବେହେରା, ଲକ୍ଷ୍ମୀଧର ଉପାଧ୍ୟାୟ, ଦେବ ପଟ୍ଟନାୟକ, ରଞ୍ଜନ ପ୍ରହରାଜ, ସଚିନ ଉପାଧ୍ୟାୟ, ଖବରଦାତା ରାଜେନ୍ଦ୍ର ସାହୁ, ଆଦିତ୍ୟ ପ୍ରକାଶ ବେଜ ଓ କେନ୍ଦୁଝର ଖବର ସମ୍ପାଦକ ଦେବୀଶଙ୍କର ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଦିବଙ୍ଗତ ଗୁରୁ ଗଣେଶ୍ୱର ଉପାଧ୍ୟାୟଙ୍କ ଅସାଧାରଣ ଉପଲବ୍ଧି ବିଷୟରେ ଆଲୋଚନା କରାଯାଇଥିଲା। ଓଡ଼ିଶାରେ ହ୍ୟାଣ୍ଡବଲର ପ୍ରସାର ଦିଗରେ ଗଣେଶ୍ୱରଙ୍କ ଅବଦାନ ଅତୁଳନୀୟ ବୋଲି ଉପସ୍ଥିତ ଅତିଥି ଓ କ୍ରୀଡ଼ାବିତ୍ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଗଣେଶ୍ୱରଙ୍କ ସ୍ମୃତିରକ୍ଷା ତଥା ଜିଲାରେ ହ୍ୟାଣ୍ଡବଲ ଖେଳାଳିଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦେବା ନିମନ୍ତେ ଗଣେଶ୍ୱର ଉପାଧ୍ୟାୟ ମେମୋରିଆଲ ଏକାଡେମୀ କାର୍ଯ୍ୟ କରିବ। ଶେଷରେ ଆଶିଷ କୁମାର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ବୋଝେଇ ଗାଡ଼ି ଅଟକାଇଲେ ମହିଳା



ମଦ ବିକ୍ରି ବିରୋଧରେ ଏକଜୁଟ୍ ହୋଇଥିବା ମହିଳା।

କାଳିପଦା,୧୯।୧

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ କୁମ୍ଭାରୀ ଗ୍ରାମରେ ଶତାଧିକ ମହିଳା ମଦ ବୋଝେଇ ବୋଲେରୋ ଅଟକାଇ ୨୦ ଲିଟରରୁ ଅଧିକ ମଦ ଜବତ କରିଛନ୍ତି। ଗ୍ରାମର ମହିଳାମାନେ ଆଗରୁ ଚୋରା ମଦ କାରବାରକୁ ନେଇ ଅଭିଯୋଗ କରିଥିଲେ ମଧ୍ୟ କିଛି ଫଳ ମିଳିନାହିଁ। ଏହି ନିଶା କାରବାର ଯୋଗୁ ଗ୍ରାମର ଯୁବକମାନେ ପଥଭ୍ରଷ୍ଟ ହୋଇ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ମଦ ବ୍ୟବସାୟୀ ଜଣକ ଅଧିକ ଲୋକ ଦେଖି କୌଶଳରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ଓ ପୋଲିସ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ମହିଳାମାନେ ଦାବି କରିଛନ୍ତି।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କିକୋଟ,୧୯।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ୍ ପଞ୍ଚାୟତ ଟିକିରାସ୍ଥିତ ଆଦର୍ଶ ବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ମନିକା ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ କୂଳମଣୀ ମଣ୍ଡଳ, ସମ୍ମାନୀୟ ଅତିଥିଭାବେ ଘଟଗାଁ ଥାନା ଅଧିକାରୀ ଅଞ୍ଜନ ପାତ୍ର, ସ୍ଥାନୀୟ ସରପଞ୍ଚ ଖଇର ନାଏକ ଯୋଗଦେଇଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଉତ୍ସବକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଗଣ ସହଯୋଗ କରିଥିଲେ।



କୃତୀ ଛାତ୍ରୀଛାତ୍ର ଅତିଥିଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି।

# ସୁରକ୍ଷା ବ୍ୟବସ୍ଥା ନ ସଜାଡ଼ିଲେ ଆନ୍ଦୋଳନ

**ଜାତୀୟ ରାଜପଥରୁ ହଟୁନି ବେଆଇନ ପାର୍କିଂ**

କେନ୍ଦୁଝର,୧୯।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)



ରାଜପଥ କଡ଼ରେ ଭାରୀଯାନ ପାର୍କିଂ ହୋଇଛି।

ରାସ୍ତାରେ ବେଆଇନ ଟ୍ରକ୍ ପାର୍କିଂ ଦୁର୍ଘଟଣାର କାରଣ ସାଜୁଛି। ଏ ନେଇ ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ସମୟରେ ଧରପଗଡ଼ କରି ଜରିମାନା ଆଦାୟ ହେଉଛି। ମାତ୍ର ପରବର୍ତ୍ତୀ ସମୟରେ ପୁନଃ ରାସ୍ତା କଡ଼ରେ ବେଆଇନ ପାର୍କିଂ ହେଉଛି। ଫଳରେ ଦୁର୍ଘଟଣା ଘଟି ଧନଜୀବନହାନୀ ଘଟୁଛି। ଏ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲାବ୍ୟାପୀ ଆନ୍ଦୋଳନ କରିବା ସହିତ ଅର୍ଥନୈତିକ ଅବରୋଧ କରାଯିବା ପାଇଁ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ସାମାଜିକକର୍ମୀ ଓ ଜିଲାର ଜନସାଧାରଣଙ୍କ ତରଫରୁ ଚେତାବନୀ ଦିଆଯାଇଛି।

ସୂଚନା ଅନୁଯାୟୀ, ପ୍ରତ୍ୟେକ ଦିନ କୋଇଡ଼ା, ଗୁଆଲି, ଯୋଡ଼ା, ବାମେବାରି ଅଞ୍ଚଳରୁ ଲୁହାପଥର ବୋଝେଇ କରି ହଜାର ହଜାର ଟ୍ରେଲର ଓ ୧୪, ୧୬, ୧୮ ଚକିଆ ଟ୍ରକ୍ ଚାଲୁଛି। ଫଳରେ ରାସ୍ତା ଦବି ବ୍ଲାକ୍ ହୋଲ ସୃଷ୍ଟି ହୋଇଥିବା ବେଳେ ରାସ୍ତା କଡ଼ରେ ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ଘଟୁଛି। ଝାଡ଼ଖଣ୍ଡ, ବିହାର, ହରିୟାଣା, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଆଦି ରାଜ୍ୟରୁ ଟ୍ରେଲର, ଟ୍ରକ ଆସି ଅବିରତ ଲୁହାପଥର ବୋହିବାରେ ବ୍ୟସ୍ତ। କିନ୍ତୁ ଆମ ଜିଲାର ଜନସାଧାରଣ ଧୂଳି, ଧୂଆଁ ଓ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ କୌଣସି ବ୍ୟବସ୍ଥା କରାଯାଉ ନାହିଁ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚର ଉପସଭାପତି ତଥା ସାମାଜିକକର୍ମୀ ଜୟକୃଷ୍ଣ ନାଏକ ଓ ସଦସ୍ୟ ତୁଳସୀ ପାତ୍ର କହିଛନ୍ତି। ଯଦି ଆଗାମୀ ଦିନରେ ବେଆଇନ ପାର୍କିଂ, ଧନଜୀବନର ସୁରକ୍ଷା, ଜାତୀୟ ରାଜପଥ ୨୦ ଓ ୫୨୦ ନମ୍ବର ରାସ୍ତାରେ ବଡ଼ ବଡ଼ ଭାରୀଯାନ ବନ୍ଦ କରିବାକୁ ଦାବି ହୋଇଛି। ଏ ନେଇ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଜିଲାବାସୀ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚ ସମେତ ବିଭିନ୍ନ ସଂଗଠନ ଚେତାବନୀ ଦେଇଛନ୍ତି।

# ‘ସୁବର୍ଣ୍ଣରେଖାରେ ନିର୍ମାଣ ହେବ ବ୍ୟାରେଜ’

ଜଳେଶ୍ୱର,୧୯।୧(ରବିନାରାୟଣ ପାତ୍ର)

ସୁବର୍ଣ୍ଣରେଖା ନଦୀର ଜମାଲପୁରଠାରେ ଖୁବ୍‌ଶୀଘ୍ର ଏକ ବ୍ୟାରେଜ ନିର୍ମାଣ ହେବ। ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେବା ଲାଗି ବିଭାଗୀୟ କର୍ତ୍ତୃପକ୍ଷ ସବୁଜ ସଂକେତ ଦେଇଥିବା ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଫଳରେ ଖରାଦିନେ ୨୫ ହଜାର ଏକର ଓ ଖରିଫ ଋତୁରେ ୪୫ ହଜାର ଏକର ଜମିକୁ ଜଳସେଚନ କରାଯାଇପାରିବ। ସେହିପରି ନଦୀ ତଟ ସୁରକ୍ଷା ଲାଗି ନିର୍ମାଣ ହେଉଥିବା ସ୍ପରଗୁଡ଼ିକରେ କୋଟି କୋଟି ଟଙ୍କା ବ୍ୟୟ ହେଉଥିବାରୁ ଏବେ ଜିଓ ଟ୍ୟୁବରେ ସ୍ପର ନିର୍ମାଣ ହେଲେ ସ୍ୱଳ୍ପ ସମୟ ଓ ସ୍ୱଳ୍ପ ଖର୍ଚ୍ଚରେ ନଦୀତଟ ସୁରକ୍ଷିତ ହୋଇପାରିବ ବୋଲି ଜଳ ସମ୍ପଦ ବିଭାଗର ସୁବର୍ଣ୍ଣରେଖା-ବୁଢାବଲଙ୍ଗ ବେସିନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଇଂ. ରମାକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏଣିକି ବିନା ପଥର ବ୍ୟବହାରରେ ନଦୀରେ ସ୍ପର ଓ ପଥର ପ୍ୟାକିଂ ହୋଇପାରିବା ନେଇ ନୂତନ କୌଶଳ ଅବଲମ୍ବନ କରାଯାଇଛି। ଏପରି କାର୍ଯ୍ୟ ରାଜ୍ୟର ସୁବର୍ଣ୍ଣରେଖା ନଦୀରେ ପ୍ରଥମ ଥର ପାଇଁ ହେଉଥିବାରୁ ଶୁକ୍ରବାର ଲକ୍ଷ୍ମୀପୋଷସ୍ଥିତ ସୁବର୍ଣ୍ଣରେଖା-ବୁଢାବଲଙ୍ଗ ବେସିନ୍ ସ୍କେଚ୍‌ମ୍ୟାପ୍‌ର ମୁଖ୍ୟଯନ୍ତ୍ରୀଙ୍କ ନେତୃତ୍ୱରେ ଏକ ବୈଷୟିକ ଦଳ ଘଟଣାସ୍ଥଳ ବୁଲି ଦେଖିଛନ୍ତି । ନଦୀବନ୍ଧଠାରୁ ମାତ୍ର ୨ ମିଟର ଭନେବଲ ଅଞ୍ଚଳ ରହୁଥିବାରୁ ସେଭଳି ସ୍ଥାନରେ ପଥର ପ୍ୟାକିଂ, ପଥର ସ୍ପର ନିର୍ମାଣ ସମ୍ଭବ ହେଉନାହିଁ। ଫଳରେ ଜିଓ ଟ୍ୟୁବ ସ୍ପର ଦ୍ୱାରା ବନ୍ଧ ଓ ନଦୀତଟ ସୁରକ୍ଷିତ ହୋଇପାରିବ ବୋଲି ଟିମ୍‌ର ଅନ୍ୟତମ ସଦସ୍ୟ ଫ୍ଲଡ କ୍ୱାଲିଟି କଣ୍ଟ୍ରୋଲର ମୁଖ୍ୟଯନ୍ତ୍ରୀ ଇଂ. ନିରଞ୍ଜନ ରାଉତ କହିଛନ୍ତି। ପରୀକ୍ଷାମୂଳକ ଭାବେ ଏହି ପାଇଲଟ ପ୍ରୋଜେକ୍ଟ ସଫଳ ହେଲେ ରାଜ୍ୟର ବିଭିନ୍ନ ନଦୀ ଓ ସମୁଦ୍ରକୂଳରେ ଜିଓ ଟ୍ୟୁବ ସ୍ପର ନିର୍ମାଣ ହେବ ବୋଲି ସହକାରୀ ମୁଖ୍ୟ ଯନ୍ତ୍ରୀ ଇଂ. ଭଗବାନ ଚନ୍ଦ୍ର ଦାଶ କହିଛନ୍ତି। ଏଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଓ ଆବଶ୍ୟକସ୍ଥଳେ ବନ୍ୟା ନିୟନ୍ତ୍ରଣ କରାଯିବା ସମ୍ପର୍କରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ସୂଚନା ଦେଇଛନ୍ତି।

# ରାଜନେତା, କଳାକାରଙ୍କ ଅବିକଳ ଚିତ୍ର ଆଙ୍କି ଚର୍ଚ୍ଚାରେ

କେନ୍ଦୁଝର,୧୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

■ବିନା ଗୁରୁ, ଶିକ୍ଷାରେ ଚିତ୍ରକର ଲକ୍ଷ୍ମୀନାରାୟଣ
■ପ୍ରୋତ୍ସାହନ ମିଳିଲେ କଳାକୁ ଆଗକୁ ନେବାକୁ ଲକ୍ଷ୍ୟ


ଲକ୍ଷ୍ମୀନାରାୟଣ ।



ଜଙ୍ଗଲରେ ବଣମଲ୍ଲୀ ଫୁଟି ଜଙ୍ଗଲରେ ଝଡ଼ି ଯାଉଥିବା ଭଳି ଅନେକ ପ୍ରତିଭା ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଜନ ମାସନରୁ ଲୁଚି ଯାଉଛନ୍ତି। ଏଭଳି ଜଣେ ପ୍ରତିଭା ସମ୍ପନ୍ନ ଯୁବକ ହେଉଛନ୍ତି କେନ୍ଦୁଝର ଜିଲାର ପାଟଣା ଥାନା ଅଧୀନ ବାଉଁଶୂଳି ଗ୍ରାମର ଲକ୍ଷ୍ମୀନାରାୟଣ ମହାରଣା(୨୦)। ପେନ୍‌ସିଲ ଓ ତୂଳୀ ସହାୟତାରେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ବିଜୁ ପଟ୍ଟନାୟକଙ୍କ ସମେତ ବହୁ ରାଜନେତା, କ୍ରୀଡ଼ାବିତ୍ ଓ ସିନେ କଳାକାରଙ୍କ ଅବିକଳ ଚିତ୍ର ଆଙ୍କି ଚର୍ଚ୍ଚାରେ ଥିବାବେଳେ ସମସ୍ତଙ୍କ ପ୍ରଶଂସା ସାଉଣ୍ଟିଛନ୍ତି। ଏଥିସହ ନିଜର ଉଦ୍ୟମ ଓ ପ୍ରଚେଷ୍ଟାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ବାଉଁଶୂଳି ଗ୍ରାମରେ ଜନ୍ମଗ୍ରହଣ କରିଥିବା ଚିତ୍ରକର ଲକ୍ଷ୍ମୀନାରାୟଣଙ୍କ ବାପା ସଞ୍ଜୟ ମହାରଣା ଜଣେ ଚାଷୀ ହୋଇଥିବା ବେଳେ ମା' ବବିତା ମହାରଣା ଜଣେ ଗୃହିଣୀ। ଭଉଣୀ ବର୍ଷାରାଣୀ ମହାରଣା ଯୁକ୍ତ ୨ ପାସ୍ କରି ଘରେ ଅଛନ୍ତି। ଲକ୍ଷ୍ମୀନାରାୟଣ ଗାଁ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢ଼ିବା ସମୟରୁ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ସେ ଚିତ୍ର ଶିଖିବା ପାଇଁ କୌଣସି ଚିତ୍ରକଳା ବିଦ୍ୟାଳୟ ଯାଇନାହାନ୍ତି କିମ୍ବା ଗୁରୁଙ୍କଠାରୁ ଶିକ୍ଷା ନେଇନାହାନ୍ତି। ପିଲାଟି ଦିନରୁ ଚିତ୍ର ଆଙ୍କିବା ପ୍ରତି ଆଗ୍ରହ ଆଜି ୨୦ ବର୍ଷ ବୟସରେ ତାଙ୍କ ପାଇଁ ରୋଜଗାରର ବାଟ ଦେଖାଇଛି। ପ୍ରଥମେ କାଗଜ ଓ ପେନ୍‌ସିଲ୍‌ରେ ଚିତ୍ର କରୁଥିଲେ। ନବମ ଶ୍ରେଣୀରେ ମୂର୍ତ୍ତି ଗଢ଼ିବା ସହ ରଙ୍ଗ ମାରିବା ଏବଂ ପରେ ଜଳରଙ୍ଗରେ କାନ୍ଥରେ ବିଭିନ୍ନ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ନବମ ଓ ଦଶମ ଶ୍ରେଣୀରେ ଚିତ୍ର ପ୍ରତିଯୋଗିତାରେ ଭାଗ ନେଇ ବ୍ଲକସ୍ତରରେ ପ୍ରଥମ ହୋଇଥିଲେ। ଯାହା ତାଙ୍କୁ ଅଧିକ ପ୍ରୋତ୍ସାହିତ କରିଥିଲା। ସେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲାପାଳ ଆଶିଷ ଠାକ୍‌ରେ, କ୍ରିକେଟର ମହେନ୍ଦ୍ର ସିଂ ଧୋନୀ, ବିରାଟ କୋହଲି, ସଙ୍ଗୀତକାର ଲତା ମଙ୍ଗେସକର, ଅଭିନେତା ମିହିର ଦାସ, ଅଲ୍ଲୁ ଅର୍ଜୁନ, ଏନ୍‌ଟିଆର, ରାମ ଚରଣ, କେଜିଏଫ୍‌ର ହିରୋ ୟେସଙ୍କ ସମେତ ଅନେକଙ୍କ ଫଟୋ ଚିତ୍ର ଆଙ୍କିଛନ୍ତି। ଅଞ୍ଚଳରେ ହେଉଥିବା ବାହାଘରରେ ବରକନ୍ୟାଙ୍କ ଫଟୋକୁ ଦେଖି ଅବିକଳ ଚିତ୍ର ଘର କାନ୍ଥରେ ଆଙ୍କି ବେଶ୍ ପ୍ରଶଂସିତ ହୋଇଥିଲେ। ଏଥିପାଇଁ ପାରିଶ୍ରମିକ ମିଳିବା ସହ ଆତ୍ମସନ୍ତୋଷ ପାଇଥିଲେ ବୋଲି ଲକ୍ଷ୍ମୀନାରାୟଣ କୁହନ୍ତି। ସେ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ କଳାରେ ୨୦୨୧ରେ ପାସ୍ କରିଛନ୍ତି। ପରେ ଅର୍ଥାଭାବରୁ ପାଠରେ ଡୋରି ବନ୍ଧା ହୋଇଛି। କୋଭିଡ୍ ସମୟରେ କେନ୍ଦୁଝର ଜିଲାପାଳଙ୍କ ଫଟୋଚିତ୍ର ଆଙ୍କି ପ୍ରଦାନ କରିଥିଲେ। ସେ ସମୟରେ ଜିଲାପାଳ ଉଚ୍ଚଶିକ୍ଷା ପାଇଁ ସହାୟତା ଦେବେ ବୋଲି କହିଥିଲେ। କିନ୍ତୁ ଅଦ୍ୟାବଧି ମିଳିନାହିଁ ବୋଲି ଲକ୍ଷ୍ମୀନାରାୟଣ କହିଛନ୍ତି। ସେ ନାରାୟଣ ଆର୍ଟସ ନାମରେ ଏକ ସଂସ୍ଥା ଗଢ଼ି ଚିତ୍ର ଆଙ୍କିବା ସହ ରୋଜଗାରକ୍ଷମ ହୋଇପାରିଛନ୍ତି। ତେବେ ଜିଲାରେ ସେଭଳି କୌଣସି ଚିତ୍ରକଳା ସ୍କୁଲ ନାହିଁ । ଫଳରେ ତାଙ୍କ ଭଳି ବହୁ ଆଗ୍ରହୀ ପ୍ରତିଭାବାନ୍ ଯୁବକ ଶିକ୍ଷାଦାନ କରିପାରୁନାହାନ୍ତି କିମ୍ବା ସେମାନଙ୍କ କଳା ପ୍ରତିଭାର ପ୍ରଚାର ପ୍ରସାର ହୋଇପାରୁନାହିଁ। ଏଣୁ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ମିଳିଲେ ଚିତ୍ରକର ସହ ଚିତ୍ରକଳାର ସୁରକ୍ଷା ଦିଆଯାଇପାରିବ ବୋଲି କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ ଦମୟନ୍ତୀ


@ ଶୁଭଶ୍ରୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ

# ବାସୁଦେବପୁରରେ ଜଳିବ ବିଶାଳ ଦୀପ



ବାସୁଦେବପୁର,୧୯।୧
(ନାରାୟଣ ପ୍ରସାଦ ବାରିକ୍)

ଅଯୋଧ୍ୟାରେ ଆସନ୍ତା ୨୨ ତାରିଖରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଭଦ୍ରକ ଜିଲା ବାସୁଦେବପୁରରେ ଏକ ବିଶାଳ ଦୀପ ଜଳିବ। ଶ୍ରୀରାମ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଏକ ବିଶାଳ ଦୀପ ଜାଳିବା ପାଇଁ ପ୍ରସ୍ତୁତି ଚାଲିଛି। ବାସୁଦେବପୁର ବ୍ଲକରୋଡ୍ କାଳୀପୂଜା ମଣ୍ଡପ ସାମ୍ନାରେ ପ୍ରାୟ ୧ ସପ୍ତାହରୁ ଊର୍ଦ୍ଧ୍ୱ ହେଲା ଦୀପ ଗଢ଼ା ଚାଲିଥିବା ବେଳେ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକ କାଳୀ କମିଟି ସହଯୋଗରେ ତିଆରି ଚାଲିଥିବା ଏହି ମାଟି ଦୀପର ଉଚ୍ଚତା ପ୍ରାୟ ୬ ଫୁଟ୍‌ରୁ ଊର୍ଦ୍ଧ୍ୱ ଓ ଗୋଲେଇ ୧୫ ଫୁଟ୍ ହେବ। ଆନୁମାନିକ ୧୦ ହଜାରରୁ ଊର୍ଦ୍ଧ୍ୱ ଲିଟର ଘିଅ କିମ୍ବା ତେଲ ଧରିବାର କ୍ଷମତା ରହିଛି।

# ଓଡ଼ିଆ ଫିଲ୍ମ 'ଦଶମ'ର ପ୍ରିମିୟର ଶୋ'

ବାଲେଶ୍ୱର,୧୯।୧(ମାନସ ବିଶ୍ୱାଳ)


ଫିଲ୍ମ ଦେଖିବାକୁ ଆସିଥିବା ଆମନ୍ତ୍ରିତ ଅତିଥି।

ବାଲେଶ୍ୱର ସହର ଫକୀର ମୋହନ ଗୋଲେଇସ୍ଥିତ ମୁଭି ଏକ୍ସ ସିନେମା ହଲରେ 'ଦଶମ' ଚଳଚ୍ଚିତ୍ରର ପ୍ରିମିୟର ଶୋ' ଶୁକ୍ରବାର ଶୁଭାରମ୍ଭ ହୋଇଛି। ଫିଲ୍ମରେ ହିରୋ କିମ୍ବା ହିରୋଇନ ନ ଥିବା ବେଳେ ସ୍କୁଲ ବେଳର ମଜାମସ୍ତି ଏବଂ କିଛି ଅଭୁଲା ଅନୁଭୂତିକୁ ନେଇ ଦର୍ଶକଙ୍କ ଆଗରେ ଉପସ୍ଥାପନ କରିବା ପାଇଁ ପ୍ରୟାସ କରାଯାଇଛି। ସବୁଠୁ ବଡ଼କଥା ହେଲା ବାଲେଶ୍ୱର ଅଞ୍ଚଳର କଳାକୁ ଭଲ ପାଉଥିବା ରାଜେନ୍ଦ୍ର ରାଉତଙ୍କ ପୁଅ ଜ୍ୟୋତିରଞ୍ଜନ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

ପୂର୍ବରୁ ଜ୍ୟୋତିରଞ୍ଜନ ବିଭିନ୍ନ ମ୍ୟୁଜିକ ଆଲବମ୍‌ରେ ଅଭିନୟ କରିଥିବା ବେଳେ ଏହା ତାଙ୍କର ପ୍ରଥମ ଚଳଚ୍ଚିତ୍ର ବୋଲି ଜଣାପଡ଼ିଛି। ପ୍ରିମିଅର ଶୋ'ରେ ଦର୍ଶକ ସାଜିଥିବା ବାଲେଶ୍ୱରର ବିଶିଷ୍ଟ ବ୍ୟକ୍ତି ବିଶେଷମାନେ ଏହି ଚଳଚ୍ଚିତ୍ରର ଅଭିନୟଠାରୁ ଆରମ୍ଭ କରି ପୁରା ଟିମ୍‌ର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ସ୍କୁଲକୁ ଅନେକ ଥର ଫେରିଯିବାକୁ ମନ ହେଉଥିବା ବେଳେ ଏହି ଚଳଚ୍ଚିତ୍ର ଜରିଆରେ ପୁଣିଥରେ ସେହିଦିନର ସ୍ମୃତି ଉଜ୍ଜୀବିତ ହୋଇଛି ବୋଲି ଦର୍ଶକମାନେ କହିଛନ୍ତି। ମଞ୍ଚ ନିର୍ଦ୍ଦେଶକ ବିଜୟ ମହାକୁଡ଼ ଥିବାବେଳେ ଏହି ଫିଲ୍ମର ଟାଇଟଲ ସଙ୍ଗ ଓଡ଼ିଆ ଫିଲ୍ମର ସୁପରଷ୍ଟାର ବାବୁସାନ ଗାଇଛନ୍ତି। ବାଲେଶ୍ୱର ଅଞ୍ଚଳର କବି, ସାହିତ୍ୟିକ, ବୁଦ୍ଧିଜୀବୀଙ୍କ ସମେତ ବହୁ କଳାପ୍ରେମୀ ଏହି ଫିଲ୍ମ ଦେଖିବାକୁ ଆସିଥିଲେ।

# ୪୨୮ ସ୍ୱୟଂସହାୟକ ଗୋଷ୍ଠୀକୁ ୧୬.୮୪ କୋଟି ଋଣ

ଭଣ୍ଡାରିପୋଖରୀ, ୧୯।୧(ରବିନାରାୟଣ ଖିଲାର)

**ବ୍ଲକସ୍ତରୀୟ ମିଶନ ଶକ୍ତି ଋଣମେଳା**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପରିସରରେ ମିଶନ ଶକ୍ତି ଋଣ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ବ୍ଲକ ସଂଯୋଜକ ସୁବ୍ରତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିଲେ। ମହିଳାମାନଙ୍କୁ ଆର୍ଥିକ ଭାବେ ଶକ୍ତିଶାଳୀ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାଶ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରି ନାରାୟଣ ରାଉତ, ମିଶନ ଶକ୍ତି ଜିଲା ସଂଯୋଜକ ସଞ୍ଜୟ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବ୍ୟାଙ୍କ ଅଧିକାରୀ ବିଚିତ୍ରାନନ୍ଦ ସାହୁ, ଜ୍ୟୋତି ଶଙ୍କର ବାରିକ, ଅଲେଖ ଚନ୍ଦ୍ର ସେଠୀ, ସୁବାସ ଚନ୍ଦ୍ର ପରମାଣିକ, ରୁଚିରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୀମାରାଣୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବନିତା ଦଳେଇ ଆଭିମୁଖ୍ୟ ପ୍ରଦାନ ଓ କାଞ୍ଚନବାଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୪୨୮ ସ୍ୱୟଂସହାୟକ ଗୋଷ୍ଠୀକୁ ୧୬ କୋଟି ୮୪ ଲକ୍ଷ ଋଣ ପ୍ରଦାନ କରାଯାଇଥିଲା। ମିଶନ ଶକ୍ତିକୁ ଋଣ ପ୍ରଦାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୩ ବ୍ୟାଙ୍କକୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ସୁଜାତା ପଣ୍ଡାଙ୍କ ସମେତ ସମସ୍ତ ବ୍ୟାଙ୍କମିତ୍ର, ଏମ୍‌ବିକେ ଓ ସିଆର୍‌ପି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୋହଲ୍ଲାରେ ଶେଷହେଲା ପଞ୍ଚାୟତ ସମିତି ବୈଠକ

ଖଇରା,୧୯।୧(ଉତ୍କଳବନ୍ଧୁ ପଣ୍ଡା)

## ଲୋକପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ପ୍ରତିବାଦ

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିର ଅଷ୍ଟମ ଅଧିବେଶନ ଆରୋପ ପ୍ରତ୍ୟାରୋପ ମଧ୍ୟରେ ଶେଷ ହୋଇଛି। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଲୋଚନା ପାଇଁ ୧୨ଟି ପ୍ରସଙ୍ଗ ରଖାଯାଇଥିବା ବେଳେ ମାତ୍ର ୨ଟି ପ୍ରସଙ୍ଗ ଆଲୋଚନା ଭିତରେ ସମସ୍ତ ସଭ୍ୟ ବୈଠକ ଛାଡ଼ି ପଳାଇଥିଲେ। ମୋଟ ୩୬ଜଣ ଲୋକପ୍ରତିନିଧି ଦସ୍ତଖତ କରିଥିବା ବେଳେ ଅନ୍ୟମାନେ ରିଜୋଲ୍ୟୁଶନ ଖାତାରେ ଦସ୍ତଖତ ନ ଦେଇ ଗୃହତ୍ୟାଗ କରିଥିଲେ। ପୂର୍ବବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉ ନ ଥିବା ନେଇ ଅନେକ ଲୋକପ୍ରତିନିଧି ଅଭିଯୋଗ ଆଣିଥିଲେ। କ୍ରମାଗତ କିଛି ପୂର୍ବ ବୈଠକରେ ପ୍ରଶାସନିକ ଅଧିକାରୀମାନେ ଅନୁପସ୍ଥିତ ରହୁଥିଲେ ହେଁ ବ୍ଲକ ପ୍ରଶାସନ କି ପଦକ୍ଷେପ ନେଇଛି ସେ ସମ୍ପର୍କରେ ଗୃହକୁ ଅବଗତ କରାଯିବା ଦରକାର ବୋଲି ଅଧିକାଂଶ ଲୋକ ପ୍ରତିନିଧି ଦାବି କରିଥିଲେ। ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ଯେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା ତାହା ଗ୍ରହଣ କରାଯିବ ବୋଲି ବିଡିଓ ଅନନ୍ତ କୁମାର ହାଁସଦା ଗୃହକୁ ଜଣାଇଥିଲେ। ବର୍ତ୍ତମାନ ଖଇରାରେ ଅଫିସର ରାଜ୍ ଚାଲିଛି ଓ କୌଣସି କାର୍ଯ୍ୟକ୍ରମରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସାମିଲ କରାଯାଉ ନ ଥିବା ନେଇ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଅଭିଯୋଗ କରିଥିଲେ। ସେହିଭଳି ନିକଟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯନ୍ତ୍ରୀମାନେ ମନଇଚ୍ଛା ଲେଆଉଟ ଦେଉଥିବା ବେଳେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସାମାନ୍ୟତମ ସୂଚନା ଦିଆଯାଇ ନ ଥିଲା। ଅର୍ପଣରଥ ପରିକ୍ରମା ସମୟରେ ମଧ୍ୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ଗୁରୁତ୍ୱହୀନ ଭାବେ ବିବେଚନା କରାଯାଇଥିଲା। ବାରମ୍ବାର ଉପେକ୍ଷା କରାଯାଉଥିବାରୁ ଏଭଳି ଅଧିବେଶନର ଆବଶ୍ୟକତା ନାହିଁ ବୋଲି କୁପାରୀ, ସାରୁଗାଁ, ବାଉଁଶଗଡ଼ିଆ, କଇଥଗଡିଆ ପଞ୍ଚାୟତ ସମେତ ଅନ୍ୟାନ୍ୟ ନିର୍ବାଚିତ ଲୋକ ପ୍ରତିନିଧିମାନେ ପ୍ରତିବାଦର ସ୍ୱର ଉଠାଇଥିଲେ। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏଥିରେ ହସ୍ତକ୍ଷେପ କରି ବ୍ଲକ କର୍ମଚାରୀମାନଙ୍କର କାର୍ଯ୍ୟଭାର ଅନେକ ବଢ଼ିଯାଇଛି । ଏଣୁ ସରକାରୀ ନୀତି ନିୟମରେ ବୈଠକ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ।

# କୂଳବନ୍ଧରେ ଟୁସୁ ମେଳା

ଖୁଣ୍ଟା,୧୯।୧(ଦେବରଞ୍ଜନ ବେହେରା): ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଅଧୀନ କୁଲବନ୍ଦବନ୍ଧ ଗ୍ରାମରେ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ଟୁସୁ ମେଳା ଓ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସମାଜର ଜିଲା ସଭାପତି ନିରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ମେଳାରେ ମୁଖ୍ୟ ଅତିଥିଭାବେ କୁଡୁମୀ ସମାଜର ରାଜ୍ୟସଭାପତି ଡ. ମନୋଜ ମହାନ୍ତ, ମୁଖ୍ୟ ବକ୍ତାଭାବେ ଯୁବ ଛାତ୍ର ସଭାପତି ସ୍ନେହାଶିଷ ମହାନ୍ତ, ଶିକ୍ଷାବିତ୍ କୃପାସିନ୍ଧୁ ମହାନ୍ତ, ହେମନ୍ତ ମହାନ୍ତ, ଡ. ତାରାଚାନ୍ଦ ମହାନ୍ତ, ଲଳିତ ମହାନ୍ତ, ଆଇନ୍‌ଜୀବୀ ବସନ୍ତ ମହାନ୍ତ, ସଞ୍ଜୀବ ମହାନ୍ତଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଟୁସୁମଣୀଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ କୁଡୁମୀ ଜାତିର ମାନ ଓ ସ୍ୱାଭୀମାନ ପାଇଁ ଟୁସୁମଣୀଙ୍କ ବଳିଦାନ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୁଚାଇଥିଲେ। କୁଡୁମୀ ଜାତିର ଭାଷା, ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ଅଞ୍ଚଳରୁ ୩୫ ଗୋଟି ଟୁସୁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

# କାୟାକଳ୍ପ ଦଳର ବିଭିନ୍ନ ଡାକ୍ତରଖାନା ପରିଦର୍ଶନ


ପ୍ରତିନିଧି ଦଳ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି।

ଚମ୍ପୁଆ,୧୯।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା କାୟାକଳ୍ପ ପ୍ରତିନିଧି ଦଳ ପକ୍ଷରୁ ଚମ୍ପୁଆ ଅଞ୍ଚଳର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ପରିଦର୍ଶନ କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ତଦାରଖ କରାଯାଇଛି। ଜନସ୍ୱାସ୍ଥ୍ୟ ପରାମର୍ଶଦାତା ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏମଆରସିଏଚ ସବିତା ପଣ୍ଡା, ବିପିଏମ ରଞ୍ଜିତା ମହାନ୍ତି ଓ ତୁଷାର ରଞ୍ଜନ ମାଲୁଆ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ବିଶେଷ ଭାବରେ ପ୍ରତିନିଧି ଦଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା, ପରିବେଶ, ଔଷଧୀୟ ବୃକ୍ଷରୋପଣ, ରେକର୍ଡପତ୍ର, ରୋଗୀ ସେବା, ନିଦାନ ଗୃହ, ପରୀକ୍ଷାଗାର, ଅଂଶୁଘାତ କକ୍ଷ ଆଦି ବୁଲି ଦେଖିଥିଲେ। ଚମ୍ପୁଆ ବ୍ଲକ୍‌ର ରିମୁଳି, କାଳିକାପ୍ରସାଦ, ଟିମିଳା, କରଞ୍ଜିଆ, ଭୂଇଁପୁର ଓ ଜ୍ୟୋତିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ଆଦି ପରିଦର୍ଶନ କରିଥିବା ଜଣାଯାଇଛି।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା

ରେମୁଣା,୧୯।୧(ରବୀନ୍ଦ୍ର ମହାକୁଡ଼)- ରେମୁଣା ବ୍ଲକ ବରୁଣସିଂର ଶ୍ରୀଜଗନ୍ନାଥ ଏଜୁକେସନାଲ ଫାଉଣ୍ଡେସନ୍ ହାୟାର ସେକେଣ୍ଡାରୀ ସ୍କୁଲରେ 'ନୂଆ-ଓ' ତରଫରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଲେଜ ପରିସରରେ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଇଂରାଜୀ ଅଧ୍ୟାପକ ବଳରାମ ସାହୁ ଅତିଥି ପରିଚୟ ଦେଇଥିଲେ। କଟକର ରାମ ନିଗମେଶ୍ୱର ମନ୍ଦିର ମୁଖ୍ୟ ସ୍ୱାମୀ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମହାରାଜା ଜଗନ୍ନାଥ ସଂସ୍କୃତି ବିଷୟରେ ସାରଗର୍ଭକ ବକ୍ତୃତା ପ୍ରଦାନ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ସାମାଜିକ କର୍ମୀ ମାର୍କଣ୍ଡ ସେଠୀ ଓ ବରୁଣସିଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ମହାନ୍ତି କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ନୂଆ-ଓ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଡ. ମନସ୍ୱିନୀ ବାରିକ ତଥା ଅଧ୍ୟାପିକା, ଅଧ୍ୟାପକସହଯୋଗ କରିଥିଲେ।

# ପଟ୍ଟା ମିଳିଛି, ଜମି ଚିହ୍ନଟ ହେଉନି

**ବାରିପଦା ତହସିଲ ହାତୀକୋଟ୍ ମୌଜା**

ବାରିପଦା,୧୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

ମୟୂରଭଞ୍ଜ ଜିଲା ବାରିପଦା ତହସିଲ ହାତୀକୋଟ ମୌଜାର ଭୂମିହୀନ ପରିବାରଙ୍କୁ ଜମିପଟ୍ଟା ପ୍ରଦାନ ହୋଇଥିବା ବେଳେ ଏପର୍ଯ୍ୟନ୍ତ ଜମି ଚିହ୍ନଟ ହୋଇନାହିଁ। ଏ ନେଇ ଶୁକ୍ରବାର ଭୂମିହୀନମାନେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ୭ ଦିନ ମଧ୍ୟରେ ଜମି ଚିହ୍ନଟ ସହିତ ନକ୍ସା ପ୍ରଦାନ ନ କଲେ ସମସ୍ତ ହିତାଧିକାରୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇ ଧାରଣାରେ ବସିବେ ବୋଲି ଚେତବାନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ବାରିପଦା ବ୍ଲକ୍ ତଥା ତହସିଲ ଅଧୀନ ହାତୀକୋଟ ପଞ୍ଚାୟତ ଜାମଦାପାଳ ଗ୍ରାମରେ ବସବାସ କରୁଥିବା ୫୦ରୁ ଊର୍ଦ୍ଧ୍ୱ ପରିବାରକୁ ୪ ଡିସିମିଲ ଜମିପଟ୍ଟା ପ୍ରଦାନ କରାଯାଇଛି। ୧୯୯୪ ରୁ ପର୍ଯ୍ୟାୟ କ୍ରମେ ଭୁମିହୀନମାନଙ୍କୁ ପ୍ରଦାନ କରାଯାଇଥିଲେ ସୁଦ୍ଧା ସଠିକ୍ ଭାବେ ଜମି ଚିହ୍ନଟ କିମ୍ବା ଜମିର ନକ୍ସା ପ୍ରଦାନ କରାଯାଇ ନାହିଁ । ଫଳରେ ହିତାଧିକାରୀମାନେ ସରକାରୀ ଯୋଜନରୁ ବଞ୍ଚିତ ରହି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଜନରୁ ବଞ୍ଚିତ ରହୁଥିବା ନେଇ ଗଣେଶ୍ୱର ବୈଠା ଓ ବିନୋଦ ମହାନ୍ତ ପ୍ରକାଶ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱାରୋପ କରୁନାହାନ୍ତି। ବିଭିନ୍ନ ଆଳ ଦେଖାଇ ହଇରାଣ କରୁଥିବା ନେଇ ପ୍ରକାଶ କରିଛନ୍ତି। ପୂର୍ବରୁ ଉକ୍ତ ଅଞ୍ଚଳଟି ବେତନଟୀ ତହସିଲ ଅଧୀନରେ ଆସୁଥିବା ବେଳେ ପରବର୍ତ୍ତୀ ସମୟରେ ବାରିପଦା ତହସିଲକୁ ପରିବର୍ତ୍ତନ କରାଯାଇଛି। ତେଣୁ ବେତନଟୀ ତହସିଲରୁ ସମସ୍ତ କାଗଜପତ୍ର ଓ ରେକର୍ଡ ଆସିବା ପାଇଁ ଚିଠି କରାଯାଇଛି କହି ଅଧିକାରୀମାନେ ସମସ୍ୟାକୁ ଏଡ଼ାଇ ଦେଉଥିଲେ। ଫଳରେ ହିତାଧିକାରୀମାନେ ନିରାଶ ହୋଇ ଘରକୁ ଫେରିବା ସହ ୨୫ ବର୍ଷ ଧରି ଜମି ଯନ୍ତ୍ରଣା ଭୋଗୁଛନ୍ତି। ତେବେ ଲୋକଙ୍କ ସମସ୍ୟାକୁ ନେଇ ସମାଜସେବାରେ ବ୍ରତୀ ଥିବା ମୟୂରଭଞ୍ଜ ଜିଲାର ଅଣରାଜନୈତିକ ସଂଗଠନ 'ଜାଗ ମୟୂରଭଞ୍ଜ ଜାଗ'ର ଅଧ୍ୟକ୍ଷ ଅରୁଣ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ଗ୍ରାମର ସମସ୍ତ ହିତାଧିକାରୀ ଜିଲାପାଳ ଓ ତହସିଲଦାରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ କରା ନ ଗଲେ ତାଲା ପକାଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଜିଲାସ୍ତରୀୟ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ସମାବେଶ

ଭଦ୍ରକ,୧୯।୧ (ସନାତନ ରାଉତ)

ଭଦ୍ରକ ଶହୀଦ ସ୍ମୃତି ଭବନରେ ଜିଲାସ୍ତରୀୟ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏହି ସମାବେଶକୁ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଯେନା ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶାକର୍ମୀମାନଙ୍କ ତ୍ୟାଗ ଓ ସେବା ପାଇଁ ଭଦ୍ରକ ଜିଲା ଆଗକୁ ଯାଇପାରିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଏସ୍‌ପି ବାମଦେବ ସିଂହ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ସନ୍ତୋଷ ଜେନା, ଡା. କନକଲତା ସାହୁ, ଡା. ମୁରଲୀଧର ନାୟକ, ଡା. ସନ୍ତୋଷ ପୃଷ୍ଟି ଓ ଡିପିଏମ୍ ସରିତା ମହାପାତ୍ର ଯୋଗ ଦେଇଥିଲେ। କାୟାକଳ୍ପ ପୁରସ୍କାର ପାଇଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୮ଜଣ ଆଶାକର୍ମୀ, ୭ ଗାଁ କଲ୍ୟାଣ ସମିତି ଏବଂ ସହରର ୨୫ ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଥିଲା।

